# ତହସିଲଦାର ଙ୍କ କାର୍ଯ୍ୟାଳୟ ,ରାଉରକେଲା

## ଲଘୁ ଖଣିଜ ଲିଜ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା ୨୭୧୪ ତା : ୧୫.୧୦.୨୦୨୦

**ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଅନୁଯାଇ**

ଏତଦ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଅଧିନସ୍ଥ ରାଉରକେଲା ତହସିଲ ଅନ୍ତର୍ଗତ ନିମ୍ନ ସାରଣୀରେ ଉଲ୍ଲିଖିତ ଲଘୁ ଖଣିଜ ଆସନ୍ତା (ପାଞ୍ଚ ) ବର୍ଷ ନିମନ୍ତେ ତହସିଲଦାର ରାଉରକେଲାଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ -2016 ର ଫାରମ-ଡ (Form-ଏମ) ପୂରଣ କରି ଏହାର 3 କପି ସହ ନିମ୍ନ ଲିଖିତ ଦଲିଲ ଓ କାଗଜାତ ସଂଲଗ୍ନ କରି ଯଉମୁଦ ଡିୟା ଲଫଫା ରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ ଥିବା ଟେଣ୍ଡର ବାକ୍ସ ରେ ତା : ୧୨-୧୧-୨୦୨୦ ରିଖ ଦିବା ୧୨ ଘଟିକା ସୁଦ୍ଧା ପକାଯିବା ଧାର୍ଯ୍ୟ କରାଯାଇଛି । ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଉକ୍ତ ଦିନ ଅପରାହ୍ନ ଦିବା ୪ ଘଟିକା ସମୟରେ ଉକ୍ତ ଟେଣ୍ଡର ବାକ୍ସ ତହସିଲ କାର୍ଯ୍ୟାଳୟ ରେ ଖୋଲାଯାଇ ,ଲିଜ ଦାଖଲ କାରୀ ଓ ତାଙ୍କ ପ୍ରତିନିଧି ଙ୍କ ଉପସ୍ଥିତି ରେ ,ଦରଖାସ୍ତ ଗୁଡିକ ତନଖି କରାଯାଇ ଚୁଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ପ୍ରଥମ ତାରିଖରେ ଲିଜ ହୋଇ ନ ପାରିଲେ ଦ୍ୱିତୀୟ ଥର ପାଇଁ ତା ; ୧୭-୧୧-୨୦୨୦ ରିଖ ଓ ଦ୍ୱିତୀୟ ଥର ପାଇଁ ଲିଜ ହୋଇ ନ ପାରିଲେ ତୃତୀୟ ଥର ପାଇଁ ତା: ୨୦-୧୧-୨୦୨୦ ରିଖ ଦିବା ୧୨.୦୦ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣ କରାଯିବଏବଂ ଉକ୍ତ ଦିନ ଅପରାହ୍ନ ୪.୦୦ ଘଟିକା ସମୟ ରେ ପୂର୍ବ ମତେ Tender Box ଖୋଲାଯିବ ।

୧ - ଦରଖାସ୍ତ ଫି ସକାଶେ ଟ ୧୦୦୦ .୦୦ (ଏକ ହଜାର ଟଙ୍କା ) ର ଟ୍ରେଜେରୀ ଚାଲାଣ ।

୨ - ଆବେଦନକାରୀ ଙ୍କ ଦ୍ୱାରା କୌଣସି ଖଣିଜ ଦେୟ ବକେୟା ନ ଥିବା ନେଇ ଏକ ସତ୍ୟପାଠ ।

୩- ଦରଖାସ୍ତକାରୀ ଧାର୍ଯ୍ୟ ହୋଇଥିବା ବଇନା ରାଶି (Earnest money) ଜମାକାରୀ ଏହାର ନିଦର୍ଶନ ସ୍ୱରୂପ ରସିଦ ଦାଖଲ କରିବେ ।

୪- ଆବେଦନ କାରୀ ଏକ ବର୍ଷ ନିମନ୍ତେ ନିର୍ଧାରିତ ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣର (Minimum Guaranteed Quantity) ଲଘୁ ଖନିଜତ ଦ୍ରବ୍ୟ ପାଇଁ ଦେବାକୁ ଥିବା ରୟାଲଟି (Royalty) ଓ ସମ୍ପୃକ୍ତ ଆବେଦନକାରୀ ଙ୍କ ଦ୍ୱାରା ଆବେଦିତ ଅତିରିକ୍ତ ଦେୟ (Additional Charge) ପରିମାଣ ରାଶି ର ଏକ Solvency(ଶୋଧ ପରିଶୋଧ କ୍ଷମତା)/ ବ୍ୟାଙ୍କ ପ୍ରତ୍ୟାଭୂତ (Bank Guarantee) ପାଞ୍ଚ ବର୍ଷ ଲିଜ ଅବଧି ନିମନ୍ତେ ଦାଖଲ କରିବା ହେବେ । ଏହା ସହିତ ଆବେଦନ କାରୀ ରାଜସ୍ୱ ଅଧିକାରୀ ଙ୍କ ଠାରୁ ପ୍ରାପ୍ତ ଅନ୍ୟାନ୍ୟ ସ୍ଥାବର ସମ୍ପତି ର ବିବରଣୀ ଦାଖଲ କରିବେ ।

୫ - ଅନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ ଦକ୍ଷତା , ଆର୍ଥିକ ସ୍ଥିତି ,ଯନ୍ତ୍ରପାତି ,ଇତ୍ୟାଦି ର ବିବରଣୀ ଦାଖଲ କରିବେ ।

ମାନିଯ

୬- ଦ୍ରବ୍ୟ ଏବଂ ସେବା ଟିକସ (GST Certificate) ର ନକଲ ।

## ଲଘୁ ଖଣିଜାତ **ସୈରାତ ଭସ ର ବିବରଣୀ**

| କ୍ର ନଂ | ସୈରାତ ଭସ ର ନାମ | ସୈରାତ ଭସ ର ବିସ୍ତୃତ ବିବରଣୀ | | | | | ସର୍ବ ନିମ୍ନ ପ୍ରତ୍ୟା ଭୂତ ପରିମାଣର (minimum guaranteed Quantity) ଲଘୁ ଖଣିଜାତ ଦ୍ରବ୍ୟ (ଘ ମି ରେ) | ଘନମିଟର ପ୍ରତି ସର୍ବ ନିମ୍ନ ଅତିରିକ୍ତ ଦେୟ (minimum addl charge) ଟଙ୍କାରେ | ବଇନା ରାଶି (earnest Money) ଟଙ୍କାରେ | କେଉଁ ବର୍ଷ ରୁ ନୂତନ ଲିଜ ଲାଗୁ ହେବ | ମନ୍ତବ୍ୟ |
|---|---|---|---|---|---|---|---|---|---|---|---|
| | | ମୌଜା ର ନାମ | ଖାତା ନଂ | ପ୍ଲଟ ନଂ | କିସମ | ରକବା (ଏକର ରେ) | | | | | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧ | ପ୍ରଧାନ ପାଲି ବାଲି ଘାଟ | ରା ଟା ୟୁ -୧ | ୧୩୮ | ୧/ ୧୧୯୬ ସ୍ମ | ନଦୀ | ୮.୦୦ | ୧୦୦୦୦.୦୦ | ୧୧୮ | ୭୬୫୦୦.୦୦ | ୨୦୨୦ -୨୧ | |
| ୨ | ତୁମକେଲା ବାଲି ଘାଟ | ରା ଟା ୟୁ -୮ | ୨ | ୩୧୨/ ୩୩୯ ସ୍ମ | ନଦୀ | ୧୬.୦୦ | ୮୧୨୩.୭୫ | ୧୧୮ | ୭୨୧୪୭.୦୦ | ୨୦୨୦ -୨୧ | |

## ସର୍ତ୍ତାବଳୀ

୧ – ଆବେଦନକାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ -୨୦୧୬ ଓ OMMC(Amendment) Rules-୨୦୧୭ ପରିସର ଭୁକ୍ତ ରହିବେ ।

୨- ଆବେଦନକାରୀ ଲିଜ ପାଇଁ ଉଦ୍ଦିଷ୍ଟ ନିଲାମ ରେ ଭାଗ ନେବା ପୂର୍ବ ରୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ,ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ ନିମନ୍ତେ ଉଦ୍ଦିଷ୍ଟ ନିଲାମ ରେ ଅଂଶ ଗ୍ରହଣ କରିବେ ।

୩- ଲିଜ ପରେ ସୈରାତ ଚଳାଇବା ବାବଦ କୁ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତୃପକ୍ଷ ଦାୟୀ ରହିବେ ନାହିଁ ।

୪- ଲିଜ ଦିଆ ଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୫- ବାଲି ପାଇଁ ସର୍ବ ନିମ୍ନ ରୟାଲଟି ମୂଲ୍ୟ ଘନ ମିଟର ପ୍ରତି (per cubic meter) ଟ ୩୫ .୦୦ ଅଟେ ।

ମାନସ

୬-ସରକାରୀ ଭାବେ ଘନ ମିଟର ପ୍ରତି ଧାର୍ଯ୍ୟ ସର୍ବ ନିମ୍ନ ଅତିରେକ୍ତ ଦେୟ (minimum additional charges)ଦର ଠାରୁ କମ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଂଲଗ୍ନ ନ କରିଥିବା ଦରଖାସ୍ତ କାରୀ ଙ୍କ ଦରଖାସ୍ତ ଖାରଜ କରି ଦିଆ ଯିବ ।

୭- ଲିଜ ରେ ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଏବଂ ସର୍ବାଧିକ ପ୍ରତି ଘନ ମିଟର ପାଇଁ ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବା ଆବେଦନ କାରୀ ଙ୍କୁ ଲିଜ ଦିଆ ଯିବା ନିମନ୍ତେ  ନିଲାମ ର ସାତ ଦିନ ମଧ୍ୟରେ ଜଣାଇ ଦିଆ ଯିବ । ଲିଜ ଧାରୀ ଙ୍କୁ ଜଣାଇବାର ପନ୍ଦର ଦିନ ମଧ୍ୟରେ ସେ ନିଜର ସ୍ବୀକୃତି ପ୍ରଦାନ କରିବା ସହ ନିଜେ ଦାଖଲ କରିଥିବା ନିଲାମ ଡାକ ଅନୁଯାଇ ରୟାଲଟି ,ଅତିରିକ୍ତ ଦେୟ ,ଜିଲ୍ଲା ଖଣିଜ ଫାଉଣ୍ଡେସନ (District Mineral foundation )ଓ ପରିବେଶ ପରିଚାଳନା ଅର୍ଥ (Environment management fund) ନିମନ୍ତେ ଧାର୍ଯ୍ୟ ଅଂଶଦାନ ପାଇଁ ଦେବାକୁ ଥିବା ଆର୍ଥିକ ଦେୟ ହିସାବ କରାଯିବ ଓ ଏହି ସମସ୍ତ ଦେୟ ର ୨୫ %  ରୁ ପୂର୍ବରୁ ଦାଖଲ କରିଥିବା ବଇନା ରାଶି (Earnest Money) କୁ ବାଦ ଦେଇ ଅବଶିଷ୍ଟ ଅର୍ଥ ଜମା କରିବେ । ଏହି ଜମା କରୁଥିବା ଅର୍ଥ ସହ ପୂର୍ବ ରୁ ଦାଖଲ ହେଇଥିବା ବଇନା ରାଶି (Earnest Money) ଏକତ୍ର କରି ଅମାନତ ରାଶି (Security Deposit) ଭାବରେ ରଖାଯିବ । ଏହି ଅମାନତ ରାଶି ବିନା ସୁଧ (Interest Money) ଭାବରେ ରଖାଯିବ । ଦରଖାସ୍ତ କାରୀ ନିଲାମ ଧାରୀ ରୟାଲଟି ସହ ଅଫର କରିଥିବା  ଘନ ମିଟର ପ୍ରତି ଅତିରିକ୍ତ ଦେୟ ଓ ଅନ୍ୟାନ୍ୟ ସରକାରୀ ଦେୟ ଯେପରିକି ସରଫେସ ରେଣ୍ଟ , ଜିଲ୍ଲା ଖଣିଜ ଫାଉଣ୍ଡେସନ ଓ ପରିବେଶ ପରିଚାଳନା ରାଶି କୁ ଅଂଶ ଦାନ ,ଆୟକର (TCS)ଇତ୍ୟାଦି ଲଘୁ ଖଣିଜାତ ଦ୍ରବ୍ୟ ରିହାତି ନିୟମ -୨୦୧୬ ଅନୁଯାଇ ଯଥା ସମୟ ରେ ପଇଠ କରିବେ।

୮- ସର୍ବୋଚ୍ଚ ନିଲାମ ଧାରୀ ଲଘୁ ଖଣିଜ ରିହାତି ନିୟମ -୨୦୧୬ ର ଧାରା ୨୮ (୩) ଅନୁଯାଇ ନିଜ ଖର୍ଚ୍ଚ ରେ ସ୍ବୀକୃତି ପ୍ରାପ୍ତ ଯୋଗ୍ୟ ବ୍ୟକ୍ତି (RQP)ଙ୍କ ଠାରୁ ମାଇନିଙ୍ଗ ପ୍ଲାନ ପ୍ରସ୍ତୁତ କରିବା ସହ ପ୍ରାଧିକୃତ ଅଧିକାରୀ ଙ୍କ (Authorized Officer) ଙ୍କ ଠାରୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଏହାର ମଞ୍ଜୁର କରାଇ ଦାଖଲ କରିବେ ।

୯-ସମ୍ପୃକ୍ତ ନିଲାମ ଧାରୀ ମାଇନିଙ୍ଗ ପ୍ଲାନ ପ୍ରସ୍ତୁତ ଓ ମଞ୍ଜୁର କରାଇବା ପରେ ,ରାଜ୍ୟ ପରିବେଶ ସଘାତ ନିର୍ଧାରଣ ପ୍ରାଧିକୃତ ସଂସ୍ଥା (SEIAA)/ଜିଲ୍ଲା ପରିବେଶ ସଘାତ ନିର୍ଧାରଣ ପ୍ରାଧିକୃତ ସଂସ୍ଥା(DEIAA) ଙ୍କ ଠାରୁ ନିୟମ ଅନୁଯାଇ ନିଜ ଖର୍ଚ ରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପରିବେଶ ମଞ୍ଜୁର ଆଣି ଦାଖଲ କରିବେ, ନଚେତ ଅମାନତ ରାଶି ବାଜ୍ୟାପ୍ତ କରାଯିବ ।

୧୦- ସମସ୍ତଙ୍କ ଠାରୁ ଅଧିକ ନିଲାମଧାରୀ ଖଣି ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to operate)ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ(Odisha  state pollution control Board)ଙ୍କ ଠାରୁ ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

୧୧ – ମାଇନିଙ୍ଗ ପ୍ଲାନ ରେ ଦର୍ଶା ଯାଇଥିବା ଗଚ୍ଛିତ ଖଣିଜ ଦ୍ରବ୍ୟ ର ପରିମାଣ ଓ ଖାଦାନ ର ଧାର୍ଯ୍ୟ ରକବା ଅନୁଯାୟୀ ଧାର୍ଯ୍ୟ ରୟାଲଟି ,ଅତିରିକ୍ତ ଦେୟ (Additional Charge),ସରଫେସ ରେଣ୍ଟ ,ଜିଲ୍ଲା ଖଣିଜ ଫାଉଣ୍ଡେସନ(District Mineral Foundation)ଓ ପରିବେଶ ପରିଚାଳନା ରାଶି (EMF)କୁ ଧାର୍ଯ୍ୟ ଅଂଶ ନିୟମ ଅନୁଯାୟୀ ଚୁକ୍ତି ପତ୍ର (Lease

ମାନିଛ

Deed)ପ୍ରଭୃତି ପୂର୍ବରୁ ଜମା କରିବେ ଓ ପରବର୍ତ୍ତୀ ବର୍ଷ ଗୁଡିକ ପାଇଁ ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସ ପନ୍ଦର ତାରିଖ ପୂର୍ବ ରୁ ଜମା କରିବା ହେବେ।

୧୨ –ସମସ୍ତଙ୍କ ଠାରୁ ଅଧିକ ନିଲାମ ଧାରୀ ଯାହା ସପକ୍ଷରେ ନିଲାମ ହୋଇଅଛି ,ସେ ସମସ୍ତ ଦେୟ ଜମା କରିବା ପରେ ଓ ସେ ସମସ୍ତ (Clearance)ଆଣିବା ପରେ ଫାରମ ଢ (form-M) ରେ ଚୁକ୍ତି ପତ୍ର ସ୍ଵାକ୍ଷର କରିବା ସହ ନିଜ ଖର୍ଚ୍ଚ ରେ ଏହାକୁ ରେଜିଷ୍ଟ୍ରେସନ କରିବେ ।

୧୩- ଲିଜଧାରୀ ଦାଖଲ କରୁଥିବା ସମସ୍ତ ଦେୟ ଯଥା ରୟାଲଟି ଓ ଅନ୍ୟାନ୍ୟ ଦେୟ ର ୨% ଆୟକର (TCS)ବାବଦ କୁ ଜମା କରିବେ ଏବଂ ବିଜ୍ଞାପନ ଖର୍ଚ୍ଚ ମଧ୍ୟ ବହନ କରିବେ ।

୧୪- ଲିଜ ଧାରୀ ସଇରାତ ଉସ ର ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟର ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ ସୂଚନା ଫଳକ (Display Board) ତିଆରି କରି ସେଥିରେ ସଇରାତ ଉସ ର ନାମ ତଥା ମଞ୍ଜୁର ହେଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜ ଧାରୀ ବହନ କରିବେ ।

୧୫- ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବ ପର୍ଯ୍ୟନ୍ତ ଲିଜ ଧାରୀ ସୈରାତ ଉସ ରୁ ଲଘୁ ଖଣିଜ ଉଠାଇ ପାରିବେ ନାହିଁ ।

୧୬- ଲିଜ ସମ୍ବନ୍ଧୀୟ ସର୍ତ୍ତାବଳି , ମାଇନିଙ୍ଗ ପ୍ଲାନ ଓ ଅନ୍ୟାନ୍ୟ କାଗଜାତ ଅତ୍ର କାର୍ଯ୍ୟାଳୟ ରେ ଛୁଟି ଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସ ରେ ଦେଖି ପାରିବେ । ଏହି ଇସ୍ତାହାର ର ସମ୍ପୂର୍ଣ ବିବରଣୀ ଜିଲ୍ଲା ୱେବସାଇଟ(www.sundargarh.nic.in) ରେ ମଧ୍ୟ ଦେଖିପାରିବେ ।

୧୭- ନିଲାମ ଦରଖାସ୍ତ କାରୀ ମାନେ ତଥା ଲିଜ ଗ୍ରହିତା ଓଡିଶା ଲଘୁ ଖଣିଜ ନିୟମ ୨୦୧୬ ଓ ତାହା ସହିତ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

୧୮- ଯଦି ଉକ୍ତ ଇସ୍ତାହାର ରେ କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରି ପାରିବେ ।

ସାମିଲ
୧୬.୧୦.୨୦୨୦

ତହସିଲଦାର , ରାଉରକେଲା

ଜ୍ଞାପକ ସଂ- ୨୭୧୫ ତା: ୧୫.୧୦.୨୦୨୦

ଏହାର ଏକକୀତା ନକଲ ଓ ଫାରମ -ଡ (form-M )ର କପି ସହ ତହସିଲଦାର ରାଉରକେଲା ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ /ଜିଲ୍ଲାପାଳ ସୁନ୍ଦରଗଡ଼ /ଅତିରିକ୍ତ ଜିଲ୍ଲାପାଳ ରାଉରକେଲା /ଉପଜିଲ୍ଲାପାଳ ପାନପୋଷ /ମହାନଗର ନିଗମ ,ରାଉରକେଲା /ଅତ୍ର ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନୀରୀକ୍ଷକ ଙ୍କ କାର୍ଯ୍ୟାଳୟ ର ନୋଟିସ ବୋର୍ଡ ରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜାରି କରିବାକୁ ପ୍ରେରଣ କରାଗଲା ।

ଏହାର ଏକ କିତା ନକଲ ସମ୍ପୃକ୍ତ ମୌଜା ରେ ସର୍ବସାଧାରଣ ଙ୍କ ଅବଗତି ପାଇଁ ଜାରି ନିମନ୍ତେ ପ୍ରେରଣ କରାଗଲା ।

୧୫.୧୦.୨୦

ତହସିଲଦାର, ରାଉରକେଲା

ଜ୍ଞାପକ ସଂ- ୨୭୧୬ ତା : ୧୫.୧୦.୨୦୨୦

ଏହାର ଏକକିତା ନକଲ ଓ ଫାରମ –ଡ (Form –M )ର କପି ସହ ଜିଲ୍ଲା ସୂଚନା ପ୍ରଯୁକ୍ତି ଅଧିକାରୀ ,ସୁନ୍ଦରଗଡ ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଯିବ ସହ ତାଙ୍କୁ ଅନୁରୋଧ କର ଯାଉଅଛି କି ଏହି ବିଜ୍ଞପ୍ତି କୁ ସେ ଜିଲ୍ଲା ୱେବସାଇଟ ରେ (www. Sundargarh.nic..in ) ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜାରି କରିବା ହେବେ ।

୧୫.୧୦.୨୦

ତହସିଲଦାର ,ରାଉରକେଲା

# ତହସିଲଦାର  ଙ୍କ କାର୍ଯ୍ୟାଳୟ ,ରାଉରକେଲା

## ଲଘୁ ଖଣିଜ  ଲିଜ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା  ୨୭୧୮                                                  ତାରିଖ  ୧୬.୧୦.୨୦୨୦

ଏତଦ ଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ ଅତ୍ର ତହସିଲ ଅଧୀନ ରେ ଥିବା **ଡୁମକେଲା ବାଲିଘାଟ ଓ ପ୍ରଧାନପାଲି ବାଲିଘାଟ** କୁ ୫ବର୍ଷିଆ ଲିଜ ସୂତ୍ରରେ ଦେବାପାଇଁ ତା: ୧୨-୧୧-୨୦୨୦ ଦିବା ୪ .୦୦  ଘଟିକା ସମୟରେ ନିଲାମ କରାଯିବ । ଯଦି ଏହା ପ୍ରଥମ ଥର ପାଇଁ ତା:୧୨ -୧୧-୨୦୨୦ ରେ ନିଲାମ ନ ହେଇ ପାରିଲେ ଦ୍ୱିତୀୟ ଓ ତୃତୀୟ ଥର ନିଲାମ ଯଥାକ୍ରମେ ୧୭-୧୧-୨୦୨୦ ଓ ୨୦-୧୧-୨୦୨୦ ରେ କରାଯିବ । ଏହାର ବିସ୍ତୃତ ନିଲାମ ଇସ୍ତାହାର  ଏହି କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା ୨୭୧୮ /ତା ୧୬-୧୦-୨୦୨୦ ରେ ପ୍ରକାଶ ପାଇଅଛି । ଏହା ତହସିଲଦାର,ରାଉରକେଲା  ଙ୍କ କାର୍ଯ୍ୟାଳୟ/ଜିଲ୍ଲାପାଳ ସୁନ୍ଦରଗଡ /ଅତିରିକ୍ତ ଜିଲ୍ଲାପାଳ ରାଉରକେଲା /ଉପ ଜିଲ୍ଲାପାଳ ,ପାନପୋଷ,ରାଉରକେଲା /ମହାନଗର ନିଗମ,ରାଉରକେଲା /ଅତ୍ର ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରିକ୍ଷକ ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ଓ ଜିଲ୍ଲା ୱେବ ସାଇଟ(www. Sundargarh.nic.in)  ରେ ଉପଲବ୍ଧ ଅଟେ । ଇଚ୍ଛୁକ ବ୍ୟକ୍ତି ବିଶେଷ ନିଲାମ ରେ ଅଂଶ ଗ୍ରହଣ କରିବାକୁ ଜଣାଇ ଦିଆଯାଉଅଛି ।

ତହସିଲଦାର ,ରାଉରକେଲା

ଜ୍ଞାପକ ସଂଖ୍ୟା  ୨୭୧୯                                   ତା :  ୧୬.୧୦.୨୦୨୦

ଏହାର ଏକ କିତା ନକଲ ତହସିଲଦାର,ରାଉରକେଲା  ଙ୍କ କାର୍ଯ୍ୟାଳୟ/ଜିଲ୍ଲାପାଳ ସୁନ୍ଦରଗଡ /ଅତିରିକ୍ତ ଜିଲ୍ଲାପାଳ ରାଉରକେଲା /ଉପ  ଜିଲ୍ଲାପାଳ ,ପାନପୋଷ,ରାଉରକେଲା /ମହାନଗର ନିଗମ,ରାଉରକେଲା /ଅତ୍ର ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରିକ୍ଷକ ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ଜାରି କରିବାକୁ ପ୍ରେରଣ କରାଗଲା ।

ଏହାର ଏକ କିତା ଲେଖାଏଁ ନକଲ ସମ୍ପୃକ୍ତ ମୌଜାରେ ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ପ୍ରେରଣା କରାଗଲା ।

ତହସିଲଦାର ,ରାଉରକେଲା

ଜ୍ଞାପକ ସଂଖ୍ୟା  ୨୭୨୦                                   ତା :  ୧୬.୧୦.୨୦୨୦

ଏହାର ଏକ କିତା ନକଲ ଓ ଫରମ-ଡ (Form-M)ରା କପି ସହ ଜିଲ୍ଲା ସୂଚନା ପ୍ରଯୁକ୍ତି  ଅଧିକାରୀ ,ସୁନ୍ଦରଗଡ  ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଯିବା ସହ ତାଙ୍କୁ ଅନୁରୋଧ କର ଯାଉ ଅଛି କି ଏହି ବିଜ୍ଞପ୍ତି କୁ ଜିଲ୍ଲା ୱେବ ସାଇଟ (www. Sundargarh.nic.in) ରେ ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ଜାରି କରିବା ହେବେ ।

ତହସିଲଦାର ,ରାଉରକେଲା